# Akashvani, Sambalpur

## SAMBALPURI NEWS BULLETIN

### 17 November 2024- 6.47- 6.52 am.

**********************************************

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆର୍ଏନ୍ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଆଏଜ୍ ଦୁଇପହରର୍ ୩ ବଜେ ୨୦୨୦, ୨୦୨୧ ଆର୍ ୨୦୨୨ ବଛର୍ ଲାଗି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର୍ ବିତରଣ୍ ଉତ୍ସବ୍ ହେବା । ରାଜ୍ୟପାଲ୍ ରଘୁବର୍ ଦାସ ଉତ୍ସବ୍‌ର ଉଦ୍‌ଘାଟନ୍ କର୍‌ବେ । ଉତ୍ସବ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଉପସ୍ଥିତ୍ ରହେବେ ।

ସଡ଼କ୍ ନୀତି ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ଗୁଟେ ଖାସ୍ ସଡ଼କ୍ ନୀତି ବନାବାର୍‌କେ ରାଜ୍ୟ ସର୍‌କାର୍ ଯୋଜ୍‌ନା କରୁଛନ୍ ବଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍‌ଥି ଅଧକ୍ଷତା କରିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍

କହିଛନ୍ ଯେ, ଜାତୀୟ ରାଜପଥ ଆଉ ରାଜ୍ୟ ରାଜପଥକେ ମିଶେଇକରି ରାଏଜେ ପୂର୍ତ, ଗ୍ରାମ୍ୟ ଉନ୍ନୟନ୍, ନଗର୍ ଉନ୍ନୟନ୍, ପଂଚାୟତିରାଜ୍ ବିଭାଗ୍ ଆର୍ ଭିନ୍ ଭିନ୍ ମହାନଗର୍ ନିଗମ୍ ଅଧୀନ୍‌ଥି ସଡ଼କ୍ ମାନ୍ ଅଛେ । ସମୀକ୍ଷା ବୈଠକ୍‌ଥି ଆଏବା ୨୦୨୯ ମସିହାତକ୍ ଶହେ ଜନସଂଖ୍ୟା ଥିବା ଗାଁ ମାନ୍‌କୁ ସବୁଦିନିଆ ସଡ଼କ୍ ତିଆର୍‌ବାର୍‌କେ ଯୋଜ୍‌ନା ବନାବାର୍ ଉପ୍‌ରେ ଆଲୋଚନା ହେଇଥିଲା ।

ମେଡ଼ିକାଲ୍ କଲେଜ୍ ଥାପ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟର୍ ଫି’ ଜିଲ୍ଲା ନ ମେଡ଼ିକାଲ୍ କଲେଜ୍ ଥାପ୍‌ନା କର୍‌ବାର୍‌କେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍‌ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଥିବାର୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସ ନ ଏଏସ୍‌ଆଇ ଓଡ଼ିଶା ଅଧ୍ୟାୟର୍ ବଛର୍‌କିଆ ସମ୍ମିଳନୀଥି ଯୋଗ୍ ଦେଇକରି ରାଜ୍ୟ ସର୍‌କାର୍ ଆଏବା ଆର୍ଥିକ୍ ବଛ୍‌ରେ ରୋବୋଟିକ୍ ସର୍ଜରୀ ମୁଲ୍ କର୍‌ବାର୍ ସଙ୍ଗେ ସ୍ୱାସ୍ଥ୍ୟସେବା ନ ଅତ୍ୟାଧୁନିକ୍ ଜ୍ଞାନ୍‌କୌଶଲ୍‌ର

ବେଭାର୍‌କେ ବଢ଼ାବାର୍ ଲାଗି ଯୋଜ୍‌ନା କରୁଛନ୍ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ-ଏସ୍‌ସିବି ଆର୍‌ଏନ୍‌ୟୁ /ସମ୍ବଲପୁର

କଟକ୍ ନ ଥିବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ହାସ୍‌ପାତାଲ୍ ନ ପହେଲାଥର୍ ଲାଗି ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ୍ ହେବାର୍‌କେ ଯାଉଛେ । ଗଲାକାଏଲ୍ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ହାସ୍‌ପାତାଲ୍‌ର କାର୍ଡ଼ିଓ ଥୋରାସି ବିଭାଗ୍ ନ ହୃତ୍‌ପିଣ୍ଡ ଟ୍ରାନ୍ସପ୍ଲାଂଟ୍ ଆଉଟ୍‌ଡୋର୍‌କେ ଉଦ୍‌ଘାଟନ୍ କରିକରି ଆଏବା ଶହେ ଦିନ୍ ଭିତ୍‌ରେ ରୋଗୀଙ୍କର୍ ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ୍ କରାଯିବାର୍ ଲକ୍ଷ୍ୟ ରଖାଯାଇଛେ ବଲି କହିଛନ୍ ।

ଏମ୍ବୁଲେନ୍ସ କର୍ମଚାରୀ-କଟ୍‌କନା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ୧୦୮ ଆର୍ ୧୦୪ ଏମ୍ବୁଲେନ୍ସ କର୍ମଚାରୀମାନ୍‌କର୍ ଆନ୍ଦୋଲନ୍ ଉପ୍‌ରେ ରାଜ୍ୟ ସର୍‌କାର୍ କଟ୍‌କନା ଲଗେଇଛନ୍ ।

ଜରୁରୀ ସେବା ଯୁଗଉଥିବାର୍‌ନୁ ଏମ୍ବୁଲେନ୍ସ କର୍ମଚାରୀମାନ୍‌କର୍ ଆନ୍ଦୋଲନ୍ ଉପ୍‌ରେ ଜାରି ହେଇଥିବା ଏସ୍‌ମାର ସମିଆକେ ରାଜ୍ୟ ସର୍‌କାର୍ ଆଉ ୬ ମାସ ବଢ଼େଇଛନ୍ । ଇ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ଜାରି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଏମ୍ବୁଲେନ୍ସ ଡ୍ରାଇଭର୍, ଆଟେଣ୍ଡେଂଟ୍ ଆର୍ ରେଫର୍ ସେବା ଯୁଗଉଥିବା ପରିବହନ୍ କର୍ମଚାରୀମାନେ ଆନ୍ଦୋଲନ୍ ନାଇଁ କରିପାରନ୍ ।

ଜଲ୍‌ସମ୍ପଦ୍ ବିଭାଗ୍ ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଅର୍ଥ ବିଭାଗ୍‌ର ମାର୍ଗଦର୍ଶିକା ଅନ୍‌ସାରେ ୨୦୨୪-୨୫ ଆର୍ଥିକ୍ ବଛର୍‌ର ତୃତୀୟ ୩ ମାସ୍ ଶେଷ୍‌ତକ୍ ୬୦ ଭାଗ୍ ଆବଂଟିତ୍ ଟଙ୍କା ଖର୍ଚ୍ଚା ସୁନିଶ୍ଚିତ୍ କର୍‌ବାର୍‌କେ ଜଲ୍‌ସମ୍ପଦ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ବିଭାଗୀୟ ଅଧିକାରୀ ଆର୍ ଯନ୍ତ୍ରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରାଜୀବ୍ ଭବନ୍ ନ ବିଭାଗ୍‌ର ବ୍ୟୟସ୍ଥିତିର୍ ସମୀକ୍ଷା କରିକରି ଶ୍ରୀମତୀ ଗର୍ଗ ଦକ୍ଷ ଆର୍ଥିକ୍ ପରିଚାଲନା ଆର୍ ପ୍ରକଳ୍ପ କାମ୍ ମାନ୍‌କୁ ତ୍ୱରାନ୍ୱିତ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଜନଶୁଣାଣି ବନ୍ଦ୍          ଆର୍ଏନ୍ୟୁ/ ସମ୍ବଲପୁର

ଆଏବା କାଏଲ୍ ଆର୍ ୨୫ ତାରିଖ୍ ଦିନ ହେବାର୍କେ ଥିବାର୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ଦିନ୍ମାନ୍କେ ଭୁବ୍ନେଶ୍ୱର୍ ନ ୟୁନିଟ୍ -୫ ଅଭିଯୋଗ୍ ପ୍ରକୋଷ୍ଠ ଜନଅଭିଯୋଗ୍ ଶୁଣାଣି ନାଇଁ ହୁଏ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ନୌସେନା ଦିବସ୍-ବୈଠକ୍          ଆର୍ଏନ୍ୟୁ /ସମ୍ବଲପୁର

ପୁରୀର ବେଳାଭୂମି ବ୍ଲୁ ଫ୍ଲାଗ୍ ବିଚ୍ ନ ଆଏବା ମାସର୍ ୪ ତାରିଖ୍ ଦିନ ନୌସେନା ଦିବସ୍ ପାଲିତ୍ ହେବାର୍କେ ଯାଉଛେ । ହେଥି ନୌସେନା ତାର୍ ବୈଷୟିକ ଦକ୍ଷତା, ସାମର୍ଥ୍ୟ ଆର୍ ରଣନୀତି ପ୍ରସ୍ତୁତି ପ୍ରଦର୍ଶନ୍ କର୍ବା । ଇ କାର୍ଯ୍ୟକ୍ରମ୍ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଲ୍ ରଘୁବର୍ ଦାସ ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ନୌସେନାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ । ଇ

କାର୍ଯ୍ୟକ୍ରମ୍ ଯେନ୍ତା ସଫଲ୍ ଭାବେ ହେବା ହେଥିର୍‌ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରାଜ୍ୟ ପୁଲିସ୍ ପ୍ରଶାସନ୍ ଆର୍ ଭାରତୀୟର ନୌସେନାର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ହକି ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ସିନିୟର୍ ପୁରୁଷ ହକି ଦଲ୍ ପହେଲାଥର୍ ଲାଗି ଜାତୀୟ ଚମ୍ପିଆନ୍‌ସିପ୍ ହେଇଛେ । ଚେନ୍ନାଇ ନ ହେଇଥିବା ୧୪ ନମ୍ବର୍ ଜାତୀୟ ସିନିଅର୍ ପୁରୁଷ ହକି ଚମ୍ପିଆନ୍‌ସିପ୍‌ଥି ଓଡ଼ିଶା ଦଲ୍ ଫାଇନାଲ୍ ମେଚ୍‌ଥି ୫-୧ ଗୋଲ୍‌ଥି ହରିଆନାକେ ହରେଇଛେ । ଷ୍ଟାର୍ ଖେଲାଲୀ ଶିଲାନନ୍ଦ ଲାକ୍ରା ହେଟ୍ରିକ୍ ଗୋଲ୍ କରିଥିବାର୍ ବେଲେ ରଜତ୍ ଆକାଶ୍ ତିର୍କି ଆର୍ ପ୍ରତାପ୍ ଲାକ୍ରା ଗୁଟେ ଲେଖା ଗୋଲ୍ କରିଥିଲେ । ଇ ଐତିହାସିକ୍ ବିଜୟ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓଡ଼ିଶା ଦଲ୍‌କେ ଶୁଭେଚ୍ଛା ଜନେଇଛନ୍ ।

ନୂଆଁ ଭୋଟର୍        ସମ୍ବଲପୁର ସମ୍ବାଦଦାତା

ଭୋଟର୍ ତାଲିକାଥି ଗଲାକାଏଲ୍ଠାନୁ ନୂଆଁ ଭୋଟର୍ମାନ୍କୁ ଜୁଡ଼୍ବାର୍ ଆଉ ସଂଶୋଧନ୍ କର୍ବାର୍ ଲାଗି ଅଭିଯାନ୍ ମୁଲ୍ ହେଇଛେ ।

ଉତରାଂଚଳ ରାଜସ୍ୱ ଆୟୁକ୍ତ - ଆର୍ଡିସି ସଚିନ୍ କୁମାର୍ ଯାଦବ୍ ଗଲାକାଏଲ୍ ସମ୍ବଲ୍ପୁର୍ ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀର୍ ଗୋଲ୍ଗୁଣ୍ଡା ଆର୍ ଦୁର୍ଗାପାଲି ପ୍ରାଥମିକ ସ୍କୁଲ୍ ଆର୍ ବଡ଼ବଜାର୍ ଦୁତିକା ସାହୁ ହାଇସ୍କୁଲ୍ ନ ହେଉଥିବା ୩ ଟା ବୁଥ୍ ପରିଦର୍ଶନ୍ କରିଥିଲେ । ଭୋଟର୍ ତାଲିକାଥି ନୂଆଁ ଭୋଟର୍ଙ୍କୁ ଜୁଡ଼୍ବାର୍ ଆର୍ ସଂଶୋଧନ୍ ବାବ୍ଦେ ଆର୍ଡିସି ବୁଥ୍ସ୍ତରୀୟ ଅଧିକାରୀମାନ୍କର୍ ସଙ୍ଗେ କଥା ହେଇଥିଲେ ।

ତହସିଲ୍- କାର୍ଯ୍ୟାନୁଷ୍ଠାନ୍        ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ରେଢ଼ାଖୋଲ୍ ତହସିଲ୍ କାର୍ଯ୍ୟାଳୟର୍ ଝନେ ଅମିନ୍ଙ୍କୁ ଜିଲ୍ଲା ପ୍ରଶାସନ୍ ତରଫୁ ନିଲମ୍ବନ୍ କରାଯାଇଛେ । ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଶୋଭନୀୟ ଆଚରଣ ଅଭିଯୋଗ୍

ନେଇକରି ପ୍ରଶାସନ୍ ତରଫ୍ରୁ ଇ ପଦକ୍ଷେପ୍ ନିଆଯାଇଥିବାର୍ ଜନାପଡ଼ିଛେ ।

ହାତୀ ଗଣନା ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜଙ୍ଗଲ୍ ଡିଭିଜନ୍ ନ ହାତୀ ଗଣନା ଚାଲିଛେ । ୪୮ ଟା ଡିଭିଜନ୍ର ୧ ହଜାର୍ ୩ ଶହ ୭୦ ଟା ମଚାଥି ହାତୀ ଗନ୍ବାର୍ ଲାଗି ୫ ହଜାର୍ ୭ ଶହ ଝନ୍ କର୍ମଚାରୀ ସାମିଲ୍ ହେଇଛନ୍ । ଗଲାଥର ହାତୀ ଗଣନାଥି ଓଡ଼ିଶା ନ ୨ ହଜାର୍ ୯୮ ଟା ହାତୀ ଥିବାର୍ ଜନାପଡ଼ିଥିଲା । ଶୀତ୍ ଦିନେ ପଡ଼ୋଶୀ ଝାଡ଼ଖଣ୍ଡ, ଛତିଶ୍ଗଡ୍ ଆର୍ ପର୍ଶ୍ଚିମବଙ୍ଗ୍ ଜଙ୍ଗଲର ହାତୀମାନେ ଓଡ଼ିଶାକେ ଆସୁଛନ୍ । ହେଲେ ଇ ଗଣନାଥି ରାଏଜେ କେତେ ହାତୀ ଅଛନ୍ ସେଟା ଫଟିକ୍ ହେବା ବଲି ପିସିସିଏଫ୍ ସୂଚ୍ନା ଦେଇଛନ୍ ।